ଫ୍ୟାକ୍ସ/ ଡାକ ମାଧ୍ୟମରେ

ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

***

ପତ୍ର ସଂଖ୍ୟା. ୧୫୦୩୧ / ଭୁବନେଶ୍ୱର ତା. ୩୧/୭/୧୮

FSCW-PL-PRC-0003-2017

ପ୍ରେରକ,

**ଶ୍ରୀ ବିଜୟ କୁମାର ପୃଷ୍ଟି, ଓ.ଏ.ଏସ୍ (ଏସ୍)**

ଯୁଗ୍ମ ଶାସନ ସଚିବ

ପ୍ରାପ୍ତେଷୁ,

- ✓ **ପରିଚାଳନା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ଯୋଗାଣ ନିଗମ, ଭୁବନେଶ୍ୱର**
- ✓ **ପରିଚାଳନା ନିର୍ଦ୍ଦେଶକ, ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡିଶା ଲିଃ, ଭୁବନେଶ୍ୱର**
- ✓ **ପରିଚାଳନା ନିର୍ଦ୍ଦେଶକ, ମାର୍କଫେଡ, ଓଡିଶା, ଭୁବନେଶ୍ୱର**

ବିଷୟ: *ଖରିଫ ବର୍ଷ 2017-18ର ଖରିଫ ଋତୁରେ ସଂଗୃହିତ ହୋଇଥିବା ଧାନର ସମାନୁପାତିକ ଚାଉଳ ଫେରସ୍ତ କରିବାର ଅବଧି ।*

ପ୍ରସଙ୍ଗ: ଏହି ବିଭାଗ ପତ୍ର ସଂଖ୍ୟା 11535 ତା.5.6.2018 ।

ମହାଶୟ,

ନିର୍ଦ୍ଦେଶକ୍ରମେ, ଉପରୋକ୍ତ ପତ୍ର ତଥା ବିଷୟକୁ ଆଧାର କରି ମୁଁ ଆପଣଙ୍କୁ ଜଣାଇବାକୁ ଚାହେଁ ଯେ ଖରିଫ ବର୍ଷ 2017-18ର ଖରିଫ ଋତୁରେ ସଂଗୃହିତ ହୋଇଥିବା ଧାନର ସମାନୁପାତିକ ଚାଉଳ ମିଲରମାନେ ଫେରସ୍ତ କରିବା ପାଇଁ ଶେଷ ତାରିଖ ତା.31.7.2018 କୁ ଧାର୍ଯ୍ୟ କରାଯାଇଥିଲା ।

ଜିଲ୍ଲାମାନଙ୍କରୁ ଚାଉଳ ଫେରସ୍ତ ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ ଅଦ୍ୟାବଧି 23.73 ଲକ୍ଷ ମେଟ୍ରିକ୍ ଟନ ଚାଉଳ ଆଦାୟ ହୋଇଥିବା ସ୍ଥଳେ 2.16 ଲକ୍ଷ ମେଟ୍ରିକ୍ ଟନ ଚାଉଳ ମିଲରମାନଙ୍କ ପାଖରେ ବକେୟା ରହିଅଛି ।

ଉପରୋକ୍ତ ପରିମାଣର ବକେୟା ଥିବା ଚାଉଳକୁ ଫେରସ୍ତ କରିବା ପାଇଁ ନିର୍ଦ୍ଧାରିତ ଶେଷ ତାରିଖକୁ ଅତିରିକ୍ତ 15 ଦିନ ବର୍ଦ୍ଧିତ କରିବା ପାଇଁ ବିଭାଗ ସ୍ତରରେ ନିଷ୍ପତ୍ତି ନିଆଯାଇଅଛି ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଅଛି ଯେ ବକେୟା ଥିବା ସମସ୍ତ ଖରିଫ ଚାଉଳକୁ ତା.15.8.2018 ସୁଦ୍ଧା ମିଲରମାନଙ୍କ ଠାରୁ ସଂଗ୍ରହ ସୁନିଶ୍ଚିତ କରିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

ଏହା ଚାଉଳ ସଂଗ୍ରହ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ ସମସ୍ତ ଅଧିକାରୀମାନଙ୍କୁ ଅବଗତ କରିବେ ।

ଆପଣଙ୍କ ବିଶ୍ୱସ୍ତ,

31.7.18

ଯୁଗ୍ମ ଶାସନ ସଚିବ

୨

ଜ୍ଞାପକ ସଂଖ୍ୟା 15032 ତା. 31/7/18

ଏହାର ଏକ ଏକକିତା ନକଲ ସମସ୍ତ **ଜିଲ୍ଲାପାଳଙ୍କ** ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

31. 7. 18
ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା 15033 ତା. 31/7/18

ଏହାର ଏକ ଏକକିତା ନକଲ ସମସ୍ତ **ଜିଲ୍ଲା ଯୋଗାଣ ଅଧିକାରୀଙ୍କ** ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

31. 7. 18
ଯୁଗ୍ମ ଶାସନ ସଚିବ